# ପିଲାମାନଙ୍କ ପାଇଁ ବାଇବଲ
# ଉପହାର

## ଯିଶାୟ ଯେ ଭବିଷ୍ୟତ ଦେଖନ୍ତି



ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯିଶାୟ ଏକ ଭବିଷ୍ୟଦବକ୍ତା ଥିଲେ । ଲୋକମାନଙ୍କ ନିକଟକୁ ସଦାପ୍ରଭୁଙ୍କ ସମ୍ବାଦ ପହଞ୍ଚାଇବା ତାଙ୍କର କାର୍ଯ୍ୟ ଥିଲା ।



ଲୋକମାନେ ସର୍ବଦା ସଦାପ୍ରଭୁଙ୍କ ବାକ୍ୟ ଶ୍ରବଣ କରିବାକୁ ଇଚ୍ଛା କରୁ ନ ଥିଲେ, ମାତ୍ର କଦାପି ସଦାପ୍ରଭୁଙ୍କୁ ଅଧଃପତନ ହେବାକୁ ଦେଲେ ନାହିଁ ।



ଯିଶାୟ ଏହି ଚ଼ାରିଜଣ ରାଜା ମାନଙ୍କ ରାଜ୍ୟ କରିବା ସମୟରେ ପ୍ରଚ଼ାର କଲେ ।



ରାଜା ଉଷିୟ ଯିହୁଦା ପ୍ରଦେଶକୁ ଯିରୁଶାଲମ ନଗରଠାରୁ ରାଜ୍ୟ କଲେ । ପ୍ରଥମରେ, ସଦାପ୍ରଭୁ ଉଷିୟଙ୍କୁ ଆଶିର୍ବାଦ କଲେ କାରଣ ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ଉତ୍ତମ ତାହା କଲେ । ମାତ୍ର ସେ ଗର୍ବୀ ହେଲେ ଓ ସଦାପ୍ରଭୁଙ୍କୁ ବାଧ୍ୟ ହେବାରୁ ବିମୁଖ ହେଲେ । ତାହାକୁ କୁଷ୍ଠରୋଗ ହେଲା ତେଣୁ ବାକି ଜୀବନ ତାହାର ମୃତୁ ପର୍ଯ୍ୟନ୍ତ ତାହାକୁ



ଏକଲା

ରହିବାକୁ ପଡ଼ିଲା ।

ଉଷିୟ ପ୍ରାୟ ଶାଠିଏ ବର୍ଷରୁ ଉର୍ଦ୍ଧ ଯିହୁଦା ପ୍ରଦେଶରେ ରାଜ୍ୟ କଲେ ।
ଯେତେବେଳେ ତାଙ୍କର ମୃତୁ ହେଲା, ତାହାର ପୁତ୍ର ଯୋଥାମ୍ ତାଙ୍କ
ସ୍ଥାନରେ ରାଜା ହେଲେ ଏବଂ ପ୍ରାୟ ସତର ବର୍ଷ ପର୍ଯ୍ୟନ୍ତ
ରାଜ୍ୟ କଲେ । ସଦାପ୍ରଭୁ ଯୋଥାମଙ୍କୁ
ଆଶିର୍ବାଦ କଲେ, କାରଣ ସେ ଯିଶାୟ
ଭବିଷ୍ୟଦବକ୍ତାଙ୍କ
ଦ୍ୱାରା କଥିତ ସଦାପ୍ରଭୁଙ୍କ
ବାକ୍ୟ ଶ୍ରବଣ କଲେ ।



ଆହସ୍ ରାଜା ଯୋଥାମଙ୍କ ପୁତ୍ର ଥିଲେ । ଆହସ୍ ଯେତେବେଳେ ରାଜ୍ୟ କରିବା ପ୍ରାରମ୍ଭ କଲେ ତାହାଙ୍କୁ କୋଡ଼ିଏ ବର୍ଷ ବୟସ ହୋଇଥିଲା, ଏବଂ ସେ ଯିରୁଶାଲମରେ ସତର ବର୍ଷକାଳ ରାଜ୍ୟ କଲେ । ଆହସ୍ ସଦାପ୍ରଭୁଙ୍କୁ ଖାତିରି କଲେନାହିଁ ।



ସେ ପ୍ରତିମା ପୂଜା ଓ ମିଥ୍ୟା ଦେବଗଣର ଉପାସନା କଲେ, ଏବଂ ଅନେକଙ୍କୁ ସଦାପ୍ରଭୁଙ୍କ ଛାମୁରୁ ଦୂରେଇ ନେଲେ । ଯଦିଓ ଯିଶାୟ ତାହଙ୍କୁ ସତର୍କ କଲେ, ତାଥାପି ଆହସ୍ ସଦାପ୍ରଭୁଙ୍କ ଚେ଼ତାବନିକୁ ଶ୍ରବଣ କଲେନାହିଁ । ମାତ୍ର ପଞ୍ଚତିରଶ ବର୍ଷ ବୟସରେ ତାହାର ମୃତୁ ହେଲା ।



ସଦାପ୍ରଭୁ ପରବର୍ତ୍ତୀ ରାଜାଙ୍କୁ ଆଶିର୍ବାଦ କଲେ, ହିଜକିୟ, କାରଣ ସେ ଦେଶରୁ ସମସ୍ତ ଖୋଦିତ ପ୍ରତିମା ଓ ମିଥ୍ୟ ଦେବଗଣଙ୍କୁ ବାହର କରିଦେଲେ, ଓ ସତ୍ୟ ଈଶ୍ୱରଙ୍କ ଉପାସନା କଲେ । ଯେତେବେଳେ ଏକ ଶତ୍ରୁସୈନ୍ୟ ଯିହୁଦାକୁ ଆକ୍ରମଣ କଲେ, ହିଜକିୟ ଜାଣିଥିଲେ ତାଙ୍କର ସୈନ୍ୟବଳ ଯୁଧଜୟ ନିମନ୍ତେ ବହୁ ଦୁର୍ବଳ ଅଟେ । ସେ ସଦାପ୍ରଭୁଙ୍କ ସାହାଯ୍ୟ ନିମନ୍ତେ ଯିଶାୟଙ୍କୁ କହିଲେ ।




ଯିଶାୟ ଏହି ସମ୍ବାଦ ରାଜାଙ୍କୁ ପ୍ରେରଣ କଲେ । ସଦାପ୍ରଭୁ ଏହି କଥା
କହନ୍ତି, ଏହି ଶତ୍ରୁ ନିମନ୍ତେ ଭୟ କରନାହିଁ .... ମୁଁ ତାହାର ପତନ
କରିବି ... ଶିଘ୍ର ସଦାପ୍ରଭୁ ଏହାକଲେ, ଶତ୍ରୁ
ସୌନ୍ୟ ହିଜକିୟଙ୍କ ସହିତ
ଯୁଦ୍ଧ ନ କରି
ସେହିସ୍ଥାନରୁ ପଳାୟନ କଲେ ।

ଯଦିଓ ତାଙ୍କ
ଆଖ ପାଖ
ଲୋକ
ସମସ୍ତେ

ସଦାପ୍ରଭୁଙ୍କ ବିଷୟରେ
ଅଧିକ ଚିନ୍ତା କଲେ
ନାହିଁ, କିନ୍ତୁ ଯିଶାୟ
ଚିନ୍ତା କଲେ ।



ଦିନକରେ, ସେ
ଏକ ସ୍ୱପ୍ନ
ଦେଖିଲେ,
ଯାହା ଶୋଇ
ନ ଥିବା

ସମୟର ସ୍ୱପ୍ନପରି
ଥିଲା । ସ୍ୱପ୍ନରେ,
ଯିଶାୟ ସଦାପ୍ରଭୁଙ୍କ
ଯେ ପବିତ୍ର ଓ
ଗୌରବାନ୍ୱିତ
ଅଟନ୍ତି ।



ମୁଁ କାହାକୁ ପଠାଇବି? ସଦାପ୍ରଭୁ ସେହି ସ୍ୱପ୍ନରେ ପଚ଼ାରିଲେ । ମୁଁ ଅଛି, ମୋତେ ପଠାଅ, ଯିଶାୟ ଉତ୍ତର କଲେ । ସେ ସଦାପ୍ରଭୁ ଯାହା କହିନ୍ତି ତାହା କରିବେ ଏବଂ ଯେଉଁଆଡ଼େ ପ୍ରେରଣ କରିବେ ସେହିଆଡ଼େ ଯିବେ ।



ହୁଏତ ଯିଶାୟ ଭାବୁଥିଲେ ସଦାପ୍ରଭୁ ତାହଙ୍କୁ ଦୂର ଦେଶକୁ, ଯେଉଁଠାରେ ଲୋକମାନେ ସଦାପ୍ରଭୁଙ୍କ ବାକ୍ୟ ଶ୍ରବଣ କରିନାହାନ୍ତି ସେହି ସ୍ଥାନକୁ ପ୍ରେରଣ କରିବେ । ମାତ୍ର ନୁହେଁ, ସଦାପ୍ରଭୁ ତାହା କଲେନାହିଁ ।



ସଦାପ୍ରଭୁ ତାହାଙ୍କୁ ନିଜ ଦେଶରେ ନିଜ ଲୋକମାନଙ୍କୁ ପ୍ରଚାର କରିବାକୁ କହିଲେ । ସଦାପ୍ରଭୁ ଯେ ସେମାନଙ୍କ ପାପ ହେତୁ ସେମାନଙ୍କ ଉପରେ କ୍ରୋଧିତ ତାହା ସେମାନଙ୍କୁ ଜଣାଇବେ ।



ପୁଣି ଯିଶାୟ କେତେକ ଅନ୍ୟ ବିଷୟରେ ମଧ୍ୟ ସେ ଲୋକମାନଙ୍କୁ ପ୍ରଚାର କରିବେ - ସଦାପ୍ରଭୁ ଏକ ବିସ୍ମୟକର ବିଷୟ ଏକ ଲୋକ ଯେ କି ବଳିଷ୍ଠ, ବହନକାରି ଓ ସେ ସେମାନଙ୍କ ସମସ୍ତ ପାପରୁ ଓ ଶତୃହସ୍ତରୁ ଉଦ୍ଧାର କରିବେ ।



ଯିହୁଦୀମାନେ ତାହାଙ୍କୁ ମସିହ ଡାକିଲେ, ଯଦିଓ ସେମାନେ ଆଶାକରୁଥିଲେ ଯେ ସଦାପ୍ରଭୁ ସେମାନଙ୍କୁ ମସିହଙ୍କୁ ପ୍ରେରଣ କରିବେ,



ତଥାପି ସେମାନେ ସେହିପରି ଯେପରି ସେ କେବେ ଆସି ନ ପାରନ୍ତି ।

ଯିଶାୟ ଯେ ସମସ୍ତ ବିଷୟ ମସିହାଙ୍କ ବିଷୟରେ କହିଲେ




ସେହି ସମସ୍ତ ବିଷୟ
ଏହି ପୁସ୍ତକରେ ନିଖିତ ଅଛି,
ଯଦିଓ ସେ ଏହା ଶହସ୍ର
ବର୍ଷ ପୂର୍ବେ ଲେଖିଥିଲେ,
ତାହା ସବୁ ସତ୍ୟ
ହେଲା । ଯାହାସବୁ
ଯିଶାୟ ମସିହଙ୍କ ବିଷୟରେ
କହିଲେ ସମସ୍ତ ବିଷୟ
ସତ୍ୟ ହେବ ।

ଯିଶାୟ କହିଲେ ସଦାପ୍ରଭୁ ନିଜେ
ଏକ ଚିହ୍ନ ଦେବେ । ସେ
କହିଲେ,



ଦେଖ ଏକ କନ୍ୟା ପୁତ୍ର ପ୍ରସବ
କରିବେ ଓ ତାହାର ନାମ
ଇମାନୁଏଲ ଦେବେ ।



ଲୋକମାନେ ଜାଣିଥିଲେ
ଯିଶାୟ ସଦାପ୍ରଭୁଙ୍କ
ମସିହଙ୍କ

ସମ୍ବନ୍ଧରେ କହୁଛନ୍ତି, କାରଣ ଏକ ସ୍ତ୍ରୀ
କନ୍ୟାହୋଇ କଦାପି ସନ୍ତାନ ଜନ୍ମ
କରି ନ ପାରେ । ପୁଣି,



ଇମାନୁଏଲ ର ତାତ୍ପର୍ଯ୍ୟ
ହେଲା ଆମ୍ଭମାନଙ୍କ
ସହିତ ଈଶ୍ୱର ।

ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି, ତାହାଙ୍କ ସ୍କନ୍ଧରୁ କର୍ତ୍ତୃତ୍ୱ ଭାର ଥୁଆଯିବ । ତାହାର ନାମ ଆଶ୍ଚର୍ଯ୍ୟ ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା ଓ



ଶାନ୍ତିରାଜା ହେବ । ଯିଶାୟ ନିଶ୍ଚିତ ଥିଲେ ଯେ ସଦାପ୍ରଭୁଙ୍କ ବାକ୍ୟ ସଫଳ ହେବ, ସେ ଏହା ଏପରି କହିଲେ ଯେପରି ତାହା ସଫଳ ହେଲାଣି । ଏହାକୁ ଭବିଷ୍ୟତ୍ ବାଣୀ କୁହାଯାଏ ।

ଯିଶାୟ କହିଲେ ଯେ ମସିହ ମହାନ ହେବେ
ଓ ମହତ୍ତ କାର୍ଯ୍ୟ ସାଧନ କରିବେ । ସଦାପ୍ରଭୁ
ଯିଶାୟଙ୍କୁ ଲୋକମାନଙ୍କୁ କହିବାକୁ କହିଲେ
ଯେ ମସିହ ମଧ୍ୟ ଦୁଃଖଭୋଗ ଓ
ମୃତ୍ୟୁବରଣ କରିବେ ।



ଯିଶାୟ ବିସ୍ମିତ ହୋଇଥିବେ ଯେ ମସିହ କିପରି ଭାବରେ ମହାନ,
ଶକ୍ତିଶାଳି ପୁଣି ଦୁର୍ବଳ ହୋଇ ଦୁଃଖଭୋଗ ମଧ୍ୟ କରିବେ । ଯିଶାୟ
ସଦାପ୍ରଭୁଙ୍କ ସହିତ ଯୁକ୍ତି କଲେ ନାହିଁ ବରଂ
ସଦାପ୍ରଭୁଙ୍କ ଆଜ୍ଞାନୁସାରେ ବାରମ୍ବାର
କହିଚାଲିଲେ । ବର୍ତ୍ତମାନ୍ ସଦାପ୍ରଭୁ
ତାଙ୍କ ଭବିଷ୍ୟତ୍ ବାଣୀକୁ ସଫଳ
କରିବା ଆବଶ୍ୟକ ।



ମସିହ ଆସୁଥିଲେ, କେବଳ ମାତ୍ର ଯିହୁଦୀ ମାନଙ୍କ ନିମନ୍ତେ ନୁହେଁ । ସଦାପ୍ରଭୁ ଯିଶାୟଙ୍କୁ କହିଲେ ଯେ ମସିହ ଅଣ-ଯିହୁଦୀ ମାନଙ୍କ ନିମନ୍ତେ ମଧ୍ୟ ଆଲୋକ ସ୍ୱରୂପ ହେବେ । ପୃଥିବୀରେ ସେମାନେ ଅଣ-ଯିହୁଦୀ  ଯେଉଁମାନେ ଯିହୁଦୀ ବଂଶଗତ ନୁହନ୍ତି । ସଦାପ୍ରଭୁ ସମସ୍ତ ମାନବ ଜାତିକୁ ପ୍ରେମ କରିନ୍ତି, ପୁଣି ତାଙ୍କ ମସିହ ପୃଥିବୀର ଶେଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଆଶିର୍ବାଦ ଓ ଉଦ୍ଧାର ସାଧନ କରବେ ।



ଯିଶାୟ ଯେ ଭବିଷ୍ୟତ ଦେଖନ୍ତି

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯିଶାୟ ୧, ୬, ୭, ୯, ୫୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬